# NATIONAL NEWS BULLETIN (ODIA)

**10 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନିଟ୍ ସମେତ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ

– ରାଜ୍ୟସଭାରେ ଉପସ୍ଥାପନ ହେଲା ୪ଟି ମନ୍ତ୍ରଣାଳୟର ସଂସଦୀୟ କମିଟି ରିପୋର୍ଟ

- ଦେଶର କ୍ରୀଡ଼ାବିତ୍‌ମାନଙ୍କ ଖେଳୁଆଡ଼ ମନୋଭାବ ଓ ପ୍ରଦର୍ଶନ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ସ୍ରୋତ, କହିଲେ ପ୍ରଧାନମନ୍ତ୍ରୀ

- ଝାଡ଼ଖଣ୍ଡରେ ବିକ୍ଷୋଭରତ ଛାତ୍ରଛାତ୍ରୀ ଓ ସରକାରଙ୍କ ମଧ୍ୟରେ ୩ ପର୍ଯ୍ୟାୟ ଆଲୋଚନା ପରେ ମଧ୍ୟ ଅଚଳାବସ୍ଥା ଜାରି

ଏବଂ

- ଆଧୁନିକ ଚାହିଦାକୁ ଲକ୍ଷ୍ୟ କରି ପରିବର୍ତ୍ତନକୁ ଗ୍ରହଣ କରିପାରିଲେ ବୁଣାକାରମାନଙ୍କ ଆୟ ବୃଦ୍ଧି ହୋଇପାରିବ, କହିଛନ୍ତି ବିଭାଗୀୟ ସଚିବ

---

## ଏଲ୍ଏସ୍ ଆର୍ଏସ୍–ଆଡଜର୍ଣ୍ଣ

ନିଟ୍ ସମେତ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ଦଳ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନକୁ ଆଜି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ

୧୨ଟାରେ ଲୋକସଭା ପୁଣି ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ନିଟ୍ ଘଟଣାରେ ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ୍‌ର କାର୍ଯ୍ୟାନୁଷ୍ଠାନ ନେଇ ହଟ୍ଟଗୋଳ କରିଥିଲେ । ଆଜି ପୂର୍ବାହ୍ନ ୧୧ଟାରେ ଗୃହରେ ଅଧ୍ୟକ୍ଷତା କରୁଥିବା ଏନ୍.କେ ପ୍ରେମାଚନ୍ଦ୍ରନ୍ ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଉଦ୍ୟମ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ଗୃହରେ ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିଥିଲେ । ସେମାନେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ । ହଟ୍ଟଗୋଳ ଜାରି ରହିବାରୁ ଶ୍ରୀ ପ୍ରେମାଚନ୍ଦ୍ରନ୍ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ରାଜ୍ୟସଭାରେ ମଧ୍ୟ ସମାନ ଘଟଣାକୁ ନେଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟମାନେ ନିଟ୍ ପ୍ରସଙ୍ଗ ଓ ଅନ୍ୟାନ୍ୟ ଘଟଣା ନେଇ ପ୍ରତିବାଦ କରିଥିଲେ ।

ଆଜି ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିଭିନ୍ନ ବିଭାଗୀୟ ମନ୍ତ୍ରୀ ସେମାନଙ୍କ ମନ୍ତ୍ରଣାଳୟ ସଂପର୍କିତ ଦସ୍ତାବିଜ ଗୃହରେ ଉପସ୍ଥାପନ କରିଥିଲେ । ଅର୍ଥ, ଗୃହ ନିର୍ମାଣ ଏବଂ ସହରାଞ୍ଚଳ, ରେଳ, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ସଂସଦୀୟ କମିଟି ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଶୂନ୍ୟକାଳ ଆରମ୍ଭ କରିଥିଲେ । ବିଜେପି ସଦସ୍ୟ ତରୁଣ ଚୁଗ୍ ପଞ୍ଜାବରେ ଆଇନଶୃଙ୍ଖଳା ପରିସ୍ଥିତି ବିଗୁଡୁଥିବା ଏବଂ ନିଶାଦ୍ରବ୍ୟ ବ୍ୟବହାର ବୃଦ୍ଧି ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ସେ

କହିଥିଲେ, ପଞ୍ଜାବର ଯୁବକମାନେ ଅଧିକ ସଂଖ୍ୟାରେ ନିଶାଦ୍ରବ୍ୟ ପ୍ରଭାବରେ ପଡୁଥିବାରୁ ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ସେ କହିଛନ୍ତି, ଅତ୍ୟଧିକ ନିଶାଦ୍ରବ୍ୟ ବ୍ୟବହାର ଯୋଗୁଁ ଗୋଟିଏ ବର୍ଷରେ ଅଣାନବେ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ପଞ୍ଜାବ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବା ସେ ଅଭିଯୋଗ କରିଥିଲେ । ବିଜେପିର ଅନ୍ୟତମ ସଦସ୍ୟ ବାବୁ ଭାଇ ଜେସଙ୍ଗ ଭାଇ ଦେଶାଇ ଗୁଜରାଟରେ ସଂକ୍ରମଣ ବ୍ୟାପୁଥିବା ନେଇ ସରକାରଙ୍କ ପକ୍ଷରୁ ଜାତୀୟ ସ୍ତରରେ ଏହାର ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ ।

ସିପିଆଇ ସଦସ୍ୟ ସନ୍ଦୋଶ କୁମାର, ବିଜେପି ସଦସ୍ୟ ବିଶ୍ୱଜିତ ସିହ୍ନା ଏବଂ ଡକ୍ଟର କେ. ଲକ୍ଷ୍ମଣ ସେହି ବିଷୟ ଉପସ୍ଥାପନ କରିଥିଲେ । ତେବେ ବିରୋଧୀ ଦଳ ସଦସ୍ୟମାନେ ସ୍ଲୋଗାନ ଦେବା ଜାରି ରଖିବାରୁ ପ୍ରଥମେ ଗୃହକୁ ଅଧକ୍ଷ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

---

# ପିଏମ୍‌-ସିଡବ୍ଲୁଜି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀସ୍ଥିତ ବାସଭବନରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ର ବିଜେତାମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ପଦକ ବିଜେତାମାନେ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ସମୟରେ ଖେଳ ସହିତ ଜଡ଼ିତ ସେମାନଙ୍କ ଅନୁଭବ ସଂପର୍କରେ କହିଥିଲେ । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଖେଳୁଆଡ଼ ମନୋଭାବ ନେଇ କ୍ରୀଡ଼ାବିତ୍‌ମାନଙ୍କ ପ୍ରଦର୍ଶନ ହିଁ ବିଜୟ ହାସଲ ଲକ୍ଷ୍ୟ ଲାଗି ପ୍ରେରଣା ଯୋଗାଇଥାଏ । ଶ୍ରୀ ମୋଦୀ ଭାରୋତ୍ତାଳକ

ଶୈଖମ୍ ମୀରାବାଇ ଚାନୁଙ୍କ ସହ ବାର୍ତ୍ତାଳାପ ସମୟରେ ଭାରତୀୟ କ୍ରୀଡ଼ାବିତମାନଙ୍କୁ ଦେଶର ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ସ୍ରୋତ ବୋଲି କହିଛନ୍ତି ।

**V/O (PM)**

ଏହି ଅବସରରେ କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ରାଷ୍ଟ୍ରମନ୍ତ୍ରୀ ରକ୍ଷାନିଖିଲ ଗଡ୍‌ସେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ସ୍କଟଲ୍ୟାଣ୍ଡର ଗ୍ଲାସ୍‌ଗୋଠାରେ ଜୁଲାଇ ୨୩ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ୩୯ଟି ପଦକ ସହ ଚତୁର୍ଥ ସ୍ଥାନ ହାସଲ କରିଛି ।

---

# ପିଏମ୍-ୱାର୍ଲଡ ଲାୟନ ଡେ

ବିଶ୍ୱ ସିଂହ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତରେ ଏସୀୟ ସିଂହଙ୍କ ସଂଖ୍ୟା ବୃଦ୍ଧି ପାଉଛି ଏବଂ ସେମାନଙ୍କ ଲାଗି ଅନୁକୂଳ ପରିବେଶ ମଧ୍ୟ ବିସ୍ତାରିତ ହେଉଛି । କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ପ୍ରକାଶିତ ଲେଖାକୁ ସ୍ମରଣ କରି ଶ୍ରୀ ମୋଦୀ କହିଛନ୍ତି, ସାମୂହିକ ଯୋଗଦାନ ଯୋଗୁଁ ସରକାରଙ୍କ ପ୍ରତିବଦ୍ଧତା ଅନୁଯାୟୀ ବନ୍ୟଜୀବ ସଂରକ୍ଷଣ ଅଧୀନରେ ସ୍ୱତନ୍ତ୍ର ପ୍ରଜାତିର ବନ୍ୟଜନ୍ତୁଙ୍କ ସଂରକ୍ଷଣ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ତାଙ୍କ ଲେଖାରେ ଦର୍ଶାଇଛନ୍ତି, ୨୦୨୦ ମସିହା ସୁଦ୍ଧା ଦେଶର ସିଂହ ବସବାସ କରୁଥିବା ଅଞ୍ଚଳ ୩୦ ହଜାର ବର୍ଗକିଲୋମିଟରରୁ ୩୫ ହଜାର ବର୍ଗକିଲୋମିଟରକୁ ବୃଦ୍ଧି ପାଇଛି । ଦେଶର ୧୧ଟି ଜିଲ୍ଲାରେ ଏହି ଅଞ୍ଚଳର ରହିଛି । ସେ କହିଛନ୍ତି, ୨୦୧୫ରେ ଦେଶରେ ୫୨୩ଟି ସିଂହ ଥିବା ବେଳେ ଗତବର୍ଷ ସୁଦ୍ଧା ଏହି

ସଂଖ୍ୟା ୮୯୧କୁ ବୃଦ୍ଧି ପାଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଶ୍ୱ ସିଂହଦିବସ ଅବସରରେ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଭାରତର ଏସୀୟ ସିଂହ ସଂଖ୍ୟାରେ  ଗତ ୫ ବର୍ଷରେ ୩୨ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି । ଏହାର ସଂରକ୍ଷଣ ଲାଗି ସାମୂହିକ ଉଦ୍ୟମ ଉପରେ ଶ୍ରୀ ବିର୍ଲା ଗୁରୁତ୍ୱଆରୋପ କରିଛନ୍ତି ।

## ଜେପିଏସ୍‌ସି-ରିଜାଇନ୍

ପରୀକ୍ଷାରେ ଅନିୟମିତତା ନେଇ ଝାଡ଼ଖଣ୍ଡରେ ଚାଲିଥିବା ଛାତ୍ରଛାତ୍ରୀଙ୍କ ବିକ୍ଷୋଭ ପ୍ରଦର୍ଶନ ମଧ୍ୟରେ ଗତକାଲି ସେଠାକାର ଲୋକସେବା ଆୟୋଗର ୩ ଜଣ କାର୍ଯ୍ୟକାରୀ ସଦସ୍ୟ ଇସ୍ତଫା ପ୍ରଦାନ କରିଛନ୍ତି । ଆୟୋଗର ସଦସ୍ୟ ଅଜିତ ଭଟ୍ଟାଚାର୍ଯ୍ୟ, ଜମିଲ ଅହମ୍ମଦ ଏବଂ ଅନିମା ହାଁସଦା ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାରଙ୍କୁ ଇସ୍ତଫା ପ୍ରଦାନ କରିଥିବା ଜଣାପଡ଼ିଛି । ରାଜ୍ୟ ସରକାରଙ୍କ ସମ୍ମତି ପରେ ରାଜ୍ୟପାଳ ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିବା ଜଣାପଡ଼ିଛି ।

## ରିନ୍ୟୁଏବୁଲ୍ କାପାସିଟ୍

ଭାରତର ଅଣ-ଜୀବାସ୍ମ ଇନ୍ଧନ ଆଧାରିତ ବିଦ୍ୟୁତ୍  ଉତ୍ପାଦନ ୩୦୦ ଗିଗାୱାଟ୍ ଅତିକ୍ରମ କରିଛି । ଗତମାସ ୩୧ ତାରିଖରେ ହାସଲ ହୋଇଥିବା ଏହି ଐତିହାସିକ ସଫଳତା ୨୦୩୦ ସୁଦ୍ଧା ନିର୍ଦ୍ଧାରିତ ୫୦୦ ଗିଗାୱାଟ୍ କ୍ଷମତା ଲକ୍ଷ୍ୟର ୬୦ ପ୍ରତିଶତରୁ ଅଧିକ । ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଦେଶରେ ଅଣଜୀବାସ୍ମ ଇନ୍ଧନ ଆଧାରିତ ବିଦ୍ୟୁତ୍ କ୍ଷମତା ମୋଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୫୪ ପ୍ରତିଶତରୁ ଅଧିକ ହୋଇଛି । ଏହି ସଫଳତା ସ୍ୱଚ୍ଛଶକ୍ତି

ଉତ୍ପାଦନ କ୍ଷେତ୍ରରେ ଦୃଢ଼ ସହଯୋଗ କରିବା ଲାଗି ପ୍ରେରଣା ଯୋଗାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ଝାଡ଼ଖଣ୍ଡ ଆସେମ୍ବ୍ଲି ମାର୍ଚ୍ଚ

ଝାଡ଼ଖଣ୍ଡରେ ଜେପିଏସ୍‌ସି ଏବଂ ଜେଏସ୍‌ଏସ୍‌ସି ପରୀକ୍ଷାରେ କଥିତ ଅନିୟମିତତା ନେଇ ବିକ୍ଷୋଭରତ ଛାତ୍ରଛାତ୍ରୀ ଏବଂ ସରକାରଙ୍କ ମଧ୍ୟରେ ୩ ପର୍ଯ୍ୟାୟ ଆଲୋଚନା ହେବା ପରେ ମଧ୍ୟ ଅଚଳାବସ୍ଥା ଜାରି ରହିଛି । ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ବିକ୍ଷୋଭରତ ଛାତ୍ରଛାତ୍ରୀମାନେ ଗ୍ରହଣ କରି ନାହାନ୍ତି । ସେମାନେ ବିଧାନସଭା ଘେରାଉ କରିବା ଲାଗି ଜିଦ୍‌ରେ ଅଟଳ ରହିଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କ ବିକ୍ଷୋଭ ପ୍ରଦର୍ଶନ ଆଜି ୧୭ ଦିନରେ ପହଞ୍ଚିଛି । ଝାଡ଼ଖଣ୍ଡ ସରକାର ଘଟଣାର ତଦନ୍ତ ସହ ଅନିୟମିତତା ହୋଇଥିବା ପରୀକ୍ଷା ବାତିଲ କରିବା, ଏଥିଲାଗି ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିବା ଏବଂ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଲାଗି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି । ଝାଡ଼ଖଣ୍ଡ ସରକାର ଚତୁର୍ଦ୍ଦଶ ଜେପିଏସ୍‌ସି ପ୍ରାରମ୍ଭିକ ପରୀକ୍ଷା ଏବଂ ପୂର୍ବ ପରୀକ୍ଷାଗୁଡ଼ିକୁ ମଧ୍ୟ ବାତିଲ କରିବା ଲାଗି ରାଜି ଥିବା ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କୁ ଜଣାଇଛନ୍ତି ।

ଅନ୍ୟପକ୍ଷରେ ଝାଡ଼ଖଣ୍ଡର ସିଆଇଡି ର ଅତିରିକ୍ତ ମହାନିର୍ଦ୍ଦେଶକ ମନୋଜ କୌଶିକ ପରୀକ୍ଷା ଅନିୟମିତତା ଘଟଣାର ସ୍ୱଚ୍ଛ ତଦନ୍ତ ନେଇ ପ୍ରତିଶ୍ରୁତି ଦେଇଥିବା ବେଳେ ଏପର୍ଯ୍ୟନ୍ତ ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ

କରାଯାଇଥିବା କହିଛନ୍ତି । ଅନ୍ୟପକ୍ଷରେ ଜେଏସଏସସି-ସିଜିଏଲ୍ ପରୀକ୍ଷା ବାତିଲ ନେଇ ଛାତ୍ରଛାତ୍ରୀଙ୍କ ଦାବି ସଂପର୍କରେ ଝାଡ଼ଖଣ୍ଡ ସରକାର କହିଛନ୍ତି, ସେହି ଘଟଣାକୁ ଉଚ୍ଚନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟର ବିଚାରାଧୀନ ରହିଛି । ଘଟଣାର ସମୀକ୍ଷା ଲାଗି ଉଚ୍ଚନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ଲାଗି ସରକାର ପ୍ରସ୍ତାବ ଦେଇଛନ୍ତି । ମନ୍ତ୍ରୀ ସୁଦିବ୍ୟ କୁମାର ସୋନୁ କହିଛନ୍ତି, ସରକାର ଆସନ୍ତା ୯୦ ଦିନ ମଧ୍ୟରେ ତଦନ୍ତ ଶେଷକରି ଫାଷ୍ଟ୍ରାକ୍ କୋର୍ଟ ଜରିଆରେ ଦଣ୍ଡବିଧାନ ଲାଗି ପ୍ରସ୍ତୁତ ଅଛନ୍ତି । ତେବେ ବିକ୍ଷୋଭରତ ଛାତ୍ରଛାତ୍ରୀମାନେ ସରକାରଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ସହ ବିଧାନସଭା ଘେରାଉ ଲାଗି ପ୍ରସ୍ତୁତି ଚଳାଇଛନ୍ତି । ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ବିଧାନସଭାର ୭୫୦ ମିଟର ପରିବ୍ୟାପ୍ତ ଅଞ୍ଚଳରେ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତିବନ୍ଧକ ଜାରି କରାଯାଇଛି ।

## ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ୍ ପ୍ରୋଟେଷ୍ଟ

ଝାଡ଼ଖଣ୍ଡରେ ବିକ୍ଷୋଭରତ ଛାତ୍ରଛାତ୍ରୀମାନେ ଜୟପାଲ୍ ସିଂ ମୁଣ୍ଡା ଷ୍ଟାଡିୟମ୍ରୁ ବିଧାନସଭା ଆଡ଼କୁ ମାର୍ଚ୍ଚ ଆରମ୍ଭ କରିଛନ୍ତି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନିୟମିତତା ନେଇ ଚାଲିଥିବା ଆନ୍ଦୋଳନର ଆଜି ସପ୍ତଦଶ ଦିନରେ ବିଧାନସଭା ଘେରାଉ ଲାଗି ପୂର୍ବରୁ ପ୍ରତିବାଦକାରୀ ଛାତ୍ରଛାତ୍ରୀ ଘୋଷଣା କରିଥିଲେ । ଇତିମଧ୍ୟରେ ଝାଡ଼ଖଣ୍ଡ ସରକାର ଛାତ୍ରଛାତ୍ରୀଙ୍କ ୯୮ ପ୍ରତିଶତ ଦାବି ମାନି ନେଇଥିବା କହିଛନ୍ତି । ଏହି ଘଟଣାରେ ବିଜେପି ନେତାଙ୍କ ସମେତ ବିରୋଧୀଦଳ ନେତା ବାବୁଲାଲ ମାରାଣ୍ଡି ଓ ରାଜ୍ୟ ଅଧ୍ୟକ୍ଷ ଆଦିତ୍ୟ ସାହୁ ମୁଖ୍ୟମନ୍ତ୍ରୀ ହେମନ୍ତ

ସୋରେନଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟକ ରଖିଛି ।

## ଟେକ୍ସଟାଇଲ୍ ହ୍ୟାଣ୍ଡଲୁମ୍ କନ୍‌କ୍ଲେଭ୍

କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟର ସଚିବ ନିଲମ ସାମି ରାଓ କହିଛନ୍ତି, ଭାରତୀୟ ବୁଣାକାର ଏବଂ ଡିଜାଇନରମାନେ ଆଧୁନିକ ଚାହିଦାକୁ ଲକ୍ଷ୍ୟ କରି ପରିବର୍ତ୍ତନକୁ ଗ୍ରହଣ କରିପାରିଲେ ଆୟ ବୃଦ୍ଧି କରିପାରିବେ । ଆଜି ନୂଆଦିଲ୍ଲୀଠାରେ ରାଷ୍ଟ୍ରୀୟ ହସ୍ତଶିଳ୍ପ ଡିଜାଇନର ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ସଚିବ କହିଛନ୍ତି, ହସ୍ତଶିଳ୍ପ କ୍ଷେତ୍ରରେ ଡିଜାଇନ୍ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକର ଡିଜାଇନ୍‌ର ବିକାଶ ହୋଇପାରିଲେ ଏହା ହସ୍ତଶିଳ୍ପ କାରିଗରଙ୍କ ଆୟରେ ବୃଦ୍ଧି କରିବା ସହ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ମଧ୍ୟ ବୃଦ୍ଧି ପାଇବ । ଏହି ଅବସରରେ  ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ବୁଣାକାରମାନଙ୍କୁ ସେମାନଙ୍କ ଅନନ୍ୟ କଳାକୌଶଳ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏହି ସମ୍ମିଳନୀରେ ଦେଶର ବିଭିନ୍ନ ଭାଗରୁ ବୁଣାକାରମାନେ ଯୋଗଦେବା ସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି । ଏଥିଲାଗି ହୋଇଥିବା ଜାତୀୟ ହସ୍ତଶିଳ୍ପ ଡିଜାଇନ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ସଚିବ ପୁରସ୍କାର ପ୍ରଦାନ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅଙ୍ଗଦାନ ଅନ୍ଧବିଶ୍ୱାସରୁ ଦୂରେଇ ଜୀବନଦାନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ରାଷ୍ଟ୍ରୀୟ ଅଙ୍ଗ ପ୍ରତ୍ୟାରୋପଣ

ସଂଗଠନର ନିର୍ଦ୍ଦେଶକ ଡାକ୍ତର ଅନୀଲ କୁମାର ଓ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ନୂଆଦିଲ୍ଲୀ ଏମ୍ସର ଡାକ୍ତର ରାଜେଶ ସିହ୍ନା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481  ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ ।ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

--------------------------------------------------------------------------------